# ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଯୋଜନା

## "ପାରମ୍ପରିକ ଡଙ୍ଗାର ଯାନ୍ତ୍ରିକୀକରଣ"ପାଇଁ ଆର୍ଥିକ ପ୍ରୋତ୍ସାହନ

ଆମ ରାଜ୍ୟ ଓଡ଼ିଶା ୪୮୦ କି.ମି. ଉପକୂଳ ଅଞ୍ଚଳ ଓ ୨୪୦୦୦ ବର୍ଗ କି.ମି. ପରିବ୍ୟାପ୍ତ ମାଛଧରା ପାଇଁ ଉଦ୍ଦିଷ୍ଟ ସାମୁଦ୍ରିକ ମଗ୍ନ ତଟଭୂମି (Continental shelf Area)କୁ ନେଇ ଏକ ଅଗ୍ରଣୀ ସାମୁଦ୍ରିକ ରାଜ୍ୟ ଭାବେ ପ୍ରତିଷ୍ଠିତ। ଓଡ଼ିଶାର ସମୁଦ୍ର ଉପକୂଳ ଅଞ୍ଚଳରେ ୧.୧୪ ଲକ୍ଷ ପରିବାରର ପ୍ରାୟ ୬ ଲକ୍ଷରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଏହି ସାମୁଦ୍ରିକ ଅଞ୍ଚଳରୁ ମାଛ ଧରି ଜୀବିକା ନିର୍ବାହ କରନ୍ତି। ମାଛଧରାରେ ନିୟୋଜିତ ୨୧ ହଜାରରୁ ଉର୍ଦ୍ଧ୍ୱ ପଞ୍ଜିକୃତ ମାଛଧରା ଡଙ୍ଗା ମଧ୍ୟରୁ ଅଣଇଞ୍ଜିନଯୁକ୍ତ ପାରମ୍ପରିକ ଡଙ୍ଗାର ସଂଖ୍ୟା ପ୍ରାୟ ୧୦ହଜାର ଅଟେ। ଡଙ୍ଗା ପ୍ରତି ମାଛଧରା ବୃଦ୍ଧି ତଥା ପାରମ୍ପରିକ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ରୋଜଗାର ବୃଦ୍ଧି ଲକ୍ଷରେ ରାଜ୍ୟ ସରକାରଙ୍କ ଏକ ନିଜସ୍ୱ ଯୋଜନା **"ପାରମ୍ପରିକ ଡଙ୍ଗାର ଯାନ୍ତ୍ରିକୀକରଣ"** କାର୍ଯ୍ୟକାରୀ କରାଯାଉଛି। ଏହା ଦ୍ୱାରା ରାଜ୍ୟରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇବା ସହିତ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକାର ମାନବୃଦ୍ଧି ଓ ଆୟ ବୃଦ୍ଧି ନିଶ୍ଚିତ କରାଯାଇ ପାରିବ।

### ମାଛଧରା ଡଙ୍ଗାରେ ଇଞ୍ଜିନ ପାଇଁ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ମିଳୁଥିବା ସହାୟତା

| କ୍ର. ସଂ. | ଇଞ୍ଜିନର ପ୍ରକାର | ଏଚ୍.ପି | ଆନୁମାନିକ ଏକକ ମୂଲ୍ୟ | ସର୍ବାଧିକ ରିହାତି | |
|---|---|---|---|---|---|
| | | | | ସାଧାରଣ ବର୍ଗ (୪୦%) | ଅନୁସୂଚୀତ ଜାତି ଓ ଜନଜାତି (୬୦%) |
| ୧. | ଆଉଟ୍ ବୋର୍ଡ୍ ଇଞ୍ଜିନ (OBM) | ୫.୦ | ୫୦,୦୦୦ | ୨୦,୦୦୦ | ୩୦,୦୦୦ |
| ୨. | ଆଉଟ୍ ବୋର୍ଡ୍ ଇଞ୍ଜିନ (OBM) | ୬.୫ | ୫୨,୦୦୦ | ୨୦,୮୦୦ | ୩୧,୨୦୦ |
| ୩. | ଆଉଟ୍ ବୋର୍ଡ୍ ଇଞ୍ଜିନ (OBM) | ୭.୦ | ୫୫,୦୦୦ | ୨୨,୦୦୦ | ୩୩,୦୦୦ |
| ୪. | ଆଉଟ୍ ବୋର୍ଡ୍ ଇଞ୍ଜିନ (OBM) | ୭.୫ | ୬୩,୦୦୦ | ୨୫,୨୦୦ | ୩୭,୮୦୦ |
| ୫. | ଆଉଟ୍ ବୋର୍ଡ୍ ଇଞ୍ଜିନ (OBM) | ୯.୦ | ୬୭,୦୦୦ | ୨୬,୮୦୦ | ୪୦,୨୦୦ |
| ୬. | ଆଉଟ୍ ବୋର୍ଡ୍ ଇଞ୍ଜିନ (OBM) | ୧୦.୦ | ୭୨,୦୦୦ | ୨୮,୮୦୦ | ୪୩,୨୦୦ |
| ୭. | ଇନ୍ ବୋର୍ଡ୍ ଇଞ୍ଜିନ (IBM) | ୧୦.୦ | ୮୫,୦୦୦ | ୩୪,୦୦୦ | ୫୧,୦୦୦ |
| ୮. | ଇନ୍ ବୋର୍ଡ୍ ଇଞ୍ଜିନ (IBM) | ୨୦.୦ | ୧,୧୫,୦୦୦ | ୪୬,୦୦୦ | ୬୯,୦୦୦ |
| ୯. | ଇନ୍ ବୋର୍ଡ୍ ଇଞ୍ଜିନ (IBM) | ୨୮.୦ | ୧,୪୦,୦୦୦ | ୫୬,୦୦୦ | ୮୪,୦୦୦ |




### ଏହି ସହାୟତା ପାଇବା ପାଇଁ ନିୟମାବଳୀ:

୧. ଆବେଦନକାରୀ ଜଣେ ସକ୍ରିୟ ସାମୁଦ୍ରିକ ମତ୍ସ୍ୟଜୀବୀ ହୋଇଥିବେ ଓ ତାଙ୍କର କ୍ୟୁ ଆର କୋଡଯୁକ୍ତ ଆଧାର କାର୍ଡ଼ ଥିବା ଆବଶ୍ୟକ।

୨. ପୂର୍ବରୁ ଇଞ୍ଜିନ ନିମନ୍ତେ କୌଣସି ସରକାରୀ ସହାୟତା ପାଇନଥିବେ ଓ ତାଙ୍କର ପଞ୍ଜିକୃତ ଅଣଇଞ୍ଜିନଯୁକ୍ତ ପାରମ୍ପରିକ ଡଙ୍ଗା ସହ ମାଛଧରା ଲାଇସେନ୍ସ ଥିବ। ଜଣେ ମତ୍ସ୍ୟଜୀବୀ କେବଳ ଗୋଟିଏ ଇଞ୍ଜିନ ପାଇଁ ସହାୟତା ପାଇବେ।

୩. ଆଗ୍ରହୀ ସାମୁଦ୍ରିକ ମତ୍ସ୍ୟଜୀବୀ ଏଥିପାଇଁ ନିର୍ଦ୍ଧାରିତ ଫର୍ମରେ ଅଥବା ଅନ୍‌ଲାଇନ୍ ପ୍ଲସ୍ ପୋର୍ଟାଲରେ ନିକଟସ୍ଥ ସାମୁଦ୍ରିକ ୟୁନିଟ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ମାଧ୍ୟମରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ)ଙ୍କୁ ଆବେଦନ କରିପାରିବେ। ମତ୍ସ୍ୟ ନିର୍ଦ୍ଦେଶାଳୟକୁ ମଧ୍ୟ director.odifish@gmail.com ମାଧ୍ୟମରେ ସିଧାସଳଖ ଆବେଦନ କରାଯାଇପାରିବ।

୪. ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ସ୍କ୍ରିନିଂ କମିଟି ଦ୍ୱାରା ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ଇଞ୍ଜିନ କ୍ରୟ ପାଇଁ ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ଅନୁମତି ପ୍ରଦାନ କରିବେ।

୫. ମତ୍ସ୍ୟ ନିର୍ଦ୍ଦେଶାଳୟ ଦ୍ୱାରା ସ୍ୱିକୃତ ଇଞ୍ଜିନ ନିର୍ମାତାକାରୀ/ବ୍ରାଣ୍ଡ ମଧ୍ୟରୁ ନିଜ ପସନ୍ଦର ଇଞ୍ଜିନ ହିତାଧିକାରୀ କିଣିବେ।

୬. ଡଙ୍ଗାରେ ଇଞ୍ଜିନ ସ୍ଥାପନା ପରେ ଜିଲ୍ଲାସ୍ତରୀୟ ତଦାରଖ କମିଟି ପରିଦର୍ଶନ କରିବେ ଓ ତା'ପରେ ହିତାଧିକାରୀଙ୍କ ରିହାତି ଅର୍ଥ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ DBT ମାଧ୍ୟମରେ ହସ୍ତାନ୍ତର କରାଯିବ।

**ଯନ୍ତ୍ରଚାଳିତ ମାଛଧରା ଡଙ୍ଗା**

**ଅଧିକ ଆୟ, ଅଧିକ ଉତ୍ପାଦନ**



**ଅଧିକ ବିବରଣୀ ଓ ସହାୟତା ନିମନ୍ତେ ସାମୁଦ୍ରିକ ୟୁନିଟ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ)ଙ୍କ ସହିତ ଯୋଗାଯୋଗ କରନ୍ତୁ।**

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**